ଗୀତା ଦେବୀ ଏବଂ ଅନ୍ୟମାନେ

ବନାମ

ପୁରାନ ରାମ ରାୟଗର ଏବଂ ଅନ୍ୟଜଣେ

(2010ର ଦେୱାନୀ ଆବେଦନ ସଂଖ୍ୟା 7390)

ସେପ୍ଟେମ୍ବର 6,2010

**[ମାର୍କଣ୍ଡେୟ କାଟଜୁ ଏବଂ ଟି. ଏସ୍. ଠାକୁର, ନ୍ୟାୟମୂର୍ତ୍ତିଦ୍ୱୟ]**

*ଦେୱାନୀ କାର୍ଯ୍ୟକାରିତା ସଂହିତା, 1908:*

*ଧାରା 100-ଏ -କେତେକ ମାମଲାରେ ଆଉ କୌଣସି ଆବେଦନ ନାହିଁ- ମୋଟର ଦୁର୍ଘଟଣା ଦାବି ଅଧିନିର୍ଣ୍ଣୟର ରାୟରୁ ଉତ୍ପନ୍ନ ଉଚ୍ଚ ନ୍ୟାୟାଳୟର ଏକକ ନ୍ୟାୟମୂର୍ତ୍ତିଙ୍କ ଆଦେଶ ବିରୁଦ୍ଧରେ ଆବେଦନ -ଗ୍ରହଣଯୋଗ୍ୟତା- ନିର୍ଣ୍ଣିତ : ଉଚ୍ଚ ନ୍ୟାୟାଳୟର ଦୁଇ ଜଣିଆ ଖଣ୍ଡପୀଠ ଠିକ୍ ଭାବରେ କହିଛନ୍ତି ଯେ ଧାରା 100-A କୁ ଦୃଷ୍ଟିରେ ରଖି ହେବ ନାହିଁ- ତଥାପି, ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ବର୍ତ୍ତମାନର ଆବେଦନ ଖାରଜ କରିବା ଦ୍ୱାରା ଆବେଦନକାରୀମାନେ ଉଚ୍ଚ ନ୍ୟାୟଳୟର ଏକକ ନ୍ୟାୟମୂର୍ତ୍ତିଙ୍କ ରାୟ ବିରୁଦ୍ଧରେ ସିଧାସଳଖ ଏସଏଲପି ଦାଖଲ କରିବାର ପ୍ରତିବନ୍ଧକ ନାହିଁ, ଯଦି ଏପରି ପରାମର୍ଶ ଦିଆଯାଏ, ତେବେ ସୀମାବଦ୍ଧତା ସମେତ ସମସ୍ତ ନ୍ୟାୟିକ ବ୍ୟତିକ୍ରମ ଉପରେ ଆଧାରିତ ହୁଏ - ଭାରତୀୟ ସମ୍ବିଧାନ, 1950 -ଅନୁଚ୍ଛେଦ 136 I*

ଦେୱାନୀ ଆବେଦନ ଅଧିକରିତା : ଦେୱାନୀ ଆବେଦନ ସଂଖ୍ୟା : 2010 ମସିହାର 7390

ରାଜସ୍ଥାନର ଜୟପୁର ଖଣ୍ଡପୀଠ, ଜୟପୁରରେ ଥିବା ଉଚ୍ଚ ନ୍ୟାୟାଳୟର 5.7.2007 ତାରିଖର ରାୟ ଏବଂ ଆଦେଶରୁ 2007 ମସିହାର ଡି.ବି. ଦେୱାନୀ ସ୍ୱତନ୍ତ୍ର ଆବେଦନ ସଂଖ୍ୟା  10 ଏବଂ 2003 ମସିହାର ଏସ.ବି. ସିଭିଲ୍ ବିବିଧ ଆବେଦନ ସଂଖ୍ୟା 2777 I

ଆବେଦନକାରୀଙ୍କ ପାଇଁ ମୁକେଶ ଶର୍ମା (ରାମେଶ୍ୱର ପ୍ରସାଦ ଗୋୟଲଙ୍କ ପାଇଁ)।

ଉତ୍ତରଦାତାମାନଙ୍କ ପାଇଁ ଏ. କେ. ଦେ, ଆର୍. ଦ୍ୱିବେଦୀ (ଦେବାଶୀଷ ମିଶ୍ରାଙ୍କ ପାଇଁ), ମୋହନ ପାଣ୍ଡେ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା ।

**ଆଦେଶ**

ଅନୁମତି ପ୍ରଦାନ କରାଗଲା ।

ଉପସ୍ଥିତ ପକ୍ଷମାନଙ୍କ ପାଇଁ ବିଦ୍ୱାନ ଓକିଲଙ୍କ କଥା ଶୁଣିଲେ ।

ଏହି ଆବେଦନ 5 ଜୁଲାଇ,2007 ତାରିଖରେ ରାଜସ୍ଥାନ ଉଚ୍ଚ ନ୍ୟାୟଳୟର ଦୁଇଜଣିଆ ଖଣ୍ଡପୀଠ, ଜୟପୁର ଖଣ୍ଡପୀଠ, 2007 ଦ୍ୱାରା ଡି.ବି.ଦେୱାନୀ ସ୍ୱତନ୍ତ୍ର ଆବେଦନ ସଂଖ୍ୟା 10, 2007 ରେ ଦିଆଯାଇଥିବା ରାୟ ଏବଂ ଆଦେଶ ବିରୁଦ୍ଧରେ ଦାୟର କରାଯାଇଛି ।

ଆମ ମତରେ ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠ ଯଥାର୍ଥରେ ରାୟ ଦେଇଛନ୍ତି ଯେ 2006 ଅଗଷ୍ଟ 7 ତାରିଖର ବିଦ୍ୱାନ ଏକକ ନ୍ୟାୟମୂର୍ତ୍ତିଙ୍କ ଆଦେଶ ବିରୁଦ୍ଧରେ ଆବେଦନ, ସିପିସିର ଧାରା 100-ଏ କୁ ଦୃଷ୍ଟିରେ ରଖି ନିଆଯାଇ ନାହିଁ । ମୋଟର ଦୁର୍ଘଟଣା ଦାବି ନ୍ୟାୟାଧୀକରଣର ଅଧିନିର୍ଣ୍ଣୟ ବିରୁଦ୍ଧରେ ବିଦ୍ୱାନ ଏକକ ନ୍ୟାୟମୂର୍ତ୍ତି ବିବିଧ ଆବେଦନ ସଂଖ୍ୟା 2777/2003 ନିଷ୍ପତ୍ତି ନେଇଥିଲେ । ଆମର ମତରେ, ଉଚ୍ଚ ନ୍ୟାୟଳୟ ନିୟମ କିମ୍ବା ଲେଟର ପେଟେଣ୍ଟରେ ବିପରୀତ ଯେକୌଣସି ବିଷୟ ସତ୍ତ୍ୱେ, ସି ପି ସି ର ଧାରା 100-ଏ ଦୃଷ୍ଟିରୁ ଉଚ୍ଚ ନ୍ୟାୟଳୟରେ ଏହି ଆନ୍ତଃଅଦାଲତ ଆବେଦନ ଗ୍ରହଣଯୋଗ୍ୟ ନଥିଲା । ତେଣୁ, ଉଚ୍ଚ ନ୍ୟାୟାଳୟର

ଦୁଇଜଣିଆ ଖଣ୍ଡପୀଠ ଦ୍ୱାରା ଏହି ଆବେଦନକୁ ଯଥାର୍ଥ ଭାବରେ ଖାରଜ କରାଯାଇଥିଲା ଏବଂ ତେଣୁ ଏହି ଆବେଦନ -2-କୁ ଖାରଜ କରାଯାଇଛି । ତଥାପି, ଏହି ଆବେଦନକୁ ଖାରଜ କରିବା ଦ୍ୱାରା ଆବେଦନକାରୀମାନେ 7 ଅଗଷ୍ଟ, 2006 ତାରିଖରେ ବିଜ୍ଞ ଏକକ ନ୍ୟାୟମୂର୍ତ୍ତିଙ୍କ ରାୟ ବିରୁଦ୍ଧରେ ସିଧାସଳଖ ଏକ ଏସ.ଏଲ.ପି. ଦାଖଲ କରିବାରୁ ବାଧା ପାଇବେ ନାହିଁ, ଯାହା 20 ସେପ୍ଟେମ୍ବର, 2003 ତାରିଖରେ ମୋଟର ଦୁର୍ଘଟଣା ଦାବି ନ୍ୟାୟାଧିକରଣ , ଶାହପୁରା, ଜିଲ୍ଲା ଜୟପୁର ଦ୍ୱାରା ଦାବି ଆବେଦନ ସଂଖ୍ୟା177/2007ରେ ପ୍ରଦାନ କରାଯାଇଥିବା ଆପତ୍ତିଜନକ ଅଧିନିର୍ଣ୍ଣୟରୁ ଉତ୍ପନ୍ନ ବିବିଧ ଆବେଦନକୁ ଖାରଜ କରିଦେଇଥିଲା, ଯଦି ପରାମର୍ଶ ଦିଆଯାଏ ଏବଂ ସମୟ ସୀମା ସମେତ ସମସ୍ତ ନ୍ୟାୟସଙ୍ଗତ ବ୍ୟତିକ୍ରମ ଉପରେ ଆଧାରିତ ହୁଏ। କୌଣସି ଖର୍ଚ୍ଚ ନାହିଁ ।

ଆର୍. ପି. ଆବେଦନକୁ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**
ସ୍ୱିଡିଲ୍ ନାୟକ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।